# NATIONAL NEWS BULLETIN (ODIA)

**26 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶ ଆଜି ପାଳନ କରୁଛି ୭୭ତମ ସାଧାରଣତନ୍ତ୍ର ଦିବସ

– କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ପାଳନର ନେତୃତ୍ୱ ନେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

– ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ଓ ପ୍ରତିରକ୍ଷା ମନ୍ତ୍ରୀ

- ସଶସ୍ତ୍ର ବାହିନୀର ୭୦ ଜଣ କର୍ମଚାରୀଙ୍କ ପାଇଁ ବୀରତ୍ୱ ପୁରସ୍କାରକୁ ଅନୁମୋଦନ କଲେ ରାଷ୍ଟ୍ରପତି

– ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଅଶୋକ ଚକ୍ର ପୁରସ୍କାରରେ ସମ୍ମାନିତ

- ଫିଲିପାଇନ୍ସର ଦକ୍ଷିଣାଞ୍ଚଳରେ ଜାହାଜ ବୁଡ଼ି ଘଟଣାରେ ୧୩ଟି ମୃତଦେହ ଉଦ୍ଧାର; ୧୦୦ରୁ ଅଧିକ ନିଖୋଜ

ଏବଂ

- ମହିଳା ପ୍ରିମିୟର ଲିଗ୍‌ରେ ଭଦୋଦରାରେ ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ଖେଳାଯିବ ମ୍ୟାଚ୍

# ରିପବ୍ଲିକ ଡେ-୨୦୨୬

ଦେଶ ଆଜି ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ପାଳନ କରିବାରେ ରାଷ୍ଟ୍ରର ନେତୃତ୍ୱ ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଯୁଦ୍ଧ ସ୍ମାରକୀ ଗସ୍ତ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା। ଯେଉଁଠାରେ ସେ ପୁଷ୍ପମାଲ୍ୟ ଅର୍ପଣ କରି ସହିଦ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ୟାରେଡର ମୁଖ୍ୟ ଅତିଥି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟନ୍‌ଙ୍କ ସହ କର୍ତ୍ତବ୍ୟ ପଥରେ ପହଞ୍ଚିଥିଲେ। ଜାତୀୟ ପତାକା ଉତ୍ତୋଳନ ପରେ ୧୦୫ ଏମ୍. ଏମ୍. ଲାଇଟ୍ ଫିଲ୍ଡ ଗନ୍ ବ୍ୟବହାର କରି ୨୧ ତୋପସଲାମୀ ସହିତ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

କର୍ତ୍ତବ୍ୟ ପଥରେ ଆଜି ଗଣତନ୍ତ୍ର ଦିବସ ପରେଡ ଭାରତର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତିର ଏକ ଅନନ୍ୟ ମିଶ୍ରଣ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ସ୍ୱତନ୍ତ୍ରତାର ମନ୍ତ୍ର: ବନ୍ଦେ ମାତରମ୍' ଏବଂ 'ସମୃଦ୍ଧିର ମନ୍ତ୍ର: ଆତ୍ମନିର୍ଭର ଭାରତ'। ପରେଡ ସମୟରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗର ୩୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଜ୍ଞାପନ ମେଢ଼ଗୁଡ଼ିକ ୧୫୦ ବର୍ଷର ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଏକ ଅନନ୍ୟ ମିଶ୍ରଣ ଏବଂ ବିଭିନ୍ନ କ୍ଷେତ୍ରରେ

ଆତ୍ମନିର୍ଭରଶୀଳତା ବୃଦ୍ଧି ପଛରେ ଦେଶର ଦ୍ରୁତ ପ୍ରଗତି ପ୍ରଦର୍ଶନ କରି ଦେଶର ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରିଥିଲା। ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନା ଦ୍ୱାରା ବ୍ୟବହୃତ ପ୍ରମୁଖ ଅସ୍ତ୍ର ପ୍ରଣାଳୀର ପ୍ରତିକୃତି ପ୍ରଦର୍ଶିତ କରୁଥିବା ଏକ ତ୍ରି-ସେବା ପ୍ରଜ୍ଞାପନ ମେଢ଼ ପରେଡରେ ମୁଖ୍ୟ ଆକର୍ଷଣ ସାଜିଥିଲା। ବ୍ରହ୍ମୋସ୍ ଏବଂ ଆକାଶ ଅସ୍ତ୍ର ପ୍ରଣାଳୀ, ଗଭୀର ଷ୍ଟ୍ରାଇକ୍ କ୍ଷମତା ସହିତ ରକେଟ୍ ଲଞ୍ଚର୍ ସିଷ୍ଟମ୍ 'ସୂର୍ଯ୍ୟାସ୍ତ୍ର' ଏବଂ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କ୍ ଅର୍ଜୁନକୁ ମଧ୍ୟ ଆଜି କର୍ତ୍ତବ୍ୟ ପଥରେ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ କରାଯାଇଥିଲା।

ରାଫେଲ, ସୁ-୩୦, ସି-୨୯୫, ମିଗ୍-୨୯, ଆପାଚି ସମେତ ୨୯ଟି ଭାରତୀୟ ବାୟୁସେନା ବିମାନ ଦ୍ୱାରା ଫ୍ଲାଇପାଷ୍ଟ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ପରେଡ ସମୟରେ ୨ ହଜାର ୫୦୦ରୁ ଅଧିକ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯେଉଁଥିରେ ବିଭିନ୍ନ ବର୍ଗର ସ୍ୱତନ୍ତ୍ର ଅତିଥିମାନେ ଯୋଗ ଦେଇଥିଲେ।

# ଭି.ପି., ପିଏମ୍‌ଲ ପ୍ରଧାନମନ୍ତ୍ରୀରିପବ୍ଲିକ ଡେ

ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ୭୭ତମ ଗଣତନ୍ତ୍ର ଦିବସ ଅବସରରେ ଭାରତ ଏବଂ ବିଦେଶରେ ବସବାସ କରୁଥିବା ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ଏହି ଦିନ ଭାରତକୁ ଏକ ସ୍ପନ୍ଦିତ ଗଣତନ୍ତ୍ର ଭାବରେ ପାଳନ କରେ। ଯାହା ନ୍ୟାୟ, ସ୍ୱାଧୀନତା, ସମାନତା

ଏବଂ ଭ୍ରାତୃତ୍ୱର କାଳଜୟୀ ଆଦର୍ଶ ଉପରେ ପ୍ରତିଷ୍ଠିତ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ଗଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ଦେଶର ନାଗରିକମାନଙ୍କ ମଧ୍ୟରେ ଶକ୍ତି ଏବଂ ଉତ୍ସାହର ନବୀକରଣ ହେଉ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦେଶବାସୀଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଦେଶର ଶକ୍ତିଶାଳୀ ଗଣତନ୍ତ୍ରର ମୂଳଦୁଆ ପକାଇଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ନିର୍ମାତାଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଆଜି କହିଛନ୍ତି, ଭାରତ ହେଉଛି ଏକ ଗଣତାନ୍ତ୍ରିକ ଦେଶ, ଯେଉଁଠାରେ ନାଗରିକଙ୍କୁ ପ୍ରଥମ ସ୍ଥାନ ଦିଆଯାଇଛି । ଗଣତନ୍ତ୍ର କେବଳ 'ଲୋକଙ୍କର' ଏବଂ 'ଲୋକଙ୍କ ଦ୍ୱାରା' ନୁହେଁ, ବରଂ 'ଲୋକଙ୍କ ପାଇଁ' ମଧ୍ୟ ସ୍ଥିର ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଏକ ଇଂରାଜୀ ଦୈନିକ ଖବର କାଗଜ ପାଇଁ ପ୍ରବନ୍ଧ ଲେଖି ମନ୍ତ୍ରୀ କହିଛନ୍ତି, ରାଜ୍ୟ କେତେ ବିଶ୍ୱସ୍ତ ଭାବରେ ଏହାର ଲୋକଙ୍କ ସେବା କରୁଛି ତାହା ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ପ୍ରତିଶ୍ରୁତିର ମୂଲ୍ୟାଙ୍କନକୁ ପ୍ରଦର୍ଶିତ କରେ ।

## ପ୍ରେଜ୍- ଗ୍ୟାଲେଣ୍ଟାରୀ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୦ ଜଣ ସଶସ୍ତ୍ର ବାହିନୀ କର୍ମଚାରୀଙ୍କ ପାଇଁ ବୀରତ୍ୱ ପୁରସ୍କାରକୁ ଅନୁମୋଦନ କରିଛନ୍ତି, ଯେଉଁଥିରେ ଛଅଟି ମରଣୋତ୍ତର ପୁରସ୍କାର ଅନ୍ତର୍ଭୁକ୍ତ। ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ର ପରିଦର୍ଶନ କରିବାରେ ପ୍ରଥମ ଭାରତୀୟ ହୋଇ ଇତିହାସ ସୃଷ୍ଟି କରିଥିବା ଗ୍ରୁପ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଦେଶର ସର୍ବୋଚ୍ଚ ଶାନ୍ତିକାଳୀନ ବୀରତ୍ୱ ପୁରସ୍କାର ଅଶୋକ ଚକ୍ରରେ ରାଷ୍ଟ୍ରପତି ସମ୍ମାନିତ କରିଛନ୍ତି। ମେଜର ଅର୍ଶଦୀପ ସିଂହ, ନାଇବ ସୁବେଦାର ଦୋଲେଶ୍ୱର ସୁବା ସିଂହ ଏବଂ ଗ୍ରୁପ୍ କ୍ୟାପଟେନ ପ୍ରଶାନ୍ତ ବାଲକ୍ରିଷ୍ଣନ ନାୟାରଙ୍କୁ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଛି। ଏହା ସହିତ ଗୋଟିଏ ମରଣୋତ୍ତର ସମେତ ୧୩ଟି ଶୌର୍ଯ୍ୟ ଚକ୍ର, ଗୋଟିଏ ବୀରତ୍ୱ ବାର୍ ଟୁ ସେନା ପଦକ, ପାଞ୍ଚଟି ମରଣୋତ୍ତର ସମେତ ୪୪ଟି ବୀରତ୍ୱ ସେନା ପଦକ, ଛଅଟି ବୀରତ୍ୱ ନୌସେନା ପଦକ ଏବଂ ଦୁଇଟି ବୀରତ୍ୱ ବାୟୁ ସେନା ପଦକ ମଧ୍ୟ ସଶସ୍ତ୍ର ସେନା କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ସଶସ୍ତ୍ର ବାହିନୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ୩୦୧ ଟି ସାମରିକ ସଜ୍ଜା ମଧ୍ୟ ଅନୁମୋଦନ କରିଛନ୍ତି। ଏତଦ୍‌ବ୍ୟତୀତ ରାଷ୍ଟ୍ରପତି ସଶସ୍ତ୍ର ବାହିନୀ କର୍ମଚାରୀଙ୍କୁ ୯୮ଟି ପ୍ରଶସ୍ତିପତ୍ର ଅନୁମୋଦନ କରିଛନ୍ତି। ଏଥିରେ ପାଞ୍ଚଟି ମରଣୋତ୍ତର ଅନ୍ତର୍ଭୁକ୍ତ ରହିଛି।

## ଏଫ୍ଏମ୍- ଅଷ୍ଟ୍ରେଲିଆ ଡେ’

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଅଷ୍ଟ୍ରେଲିଆ ଦିବସ ଅବସରରେ ଅଷ୍ଟ୍ରେଲୀୟ ଜନସାଧାରଣ ଏବଂ ତାଙ୍କ ପ୍ରତିପକ୍ଷ ପେନି ୱୋଙ୍ଗ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀର ନିରନ୍ତର ଅଭିବୃଦ୍ଧି ଏବଂ ଗଭୀରତାକୁ ଭାରତ ଗୁରୁତ୍ୱ ପ୍ରଦାନ କରୁଛି ।

## ଇସି-ସସ୍ପେଣ୍ଡସ ବିଡିଓ

ଭାରତର ନିର୍ବାଚନ ଆୟୋଗ' ପଶ୍ଚିମବଙ୍ଗର ବସିରହାଟ-୨ ବ୍ଲକର ବି.ଡି.ଓ. ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏ.ଇ.ଆର୍.ଓ.) ସୁମିତ୍ର ପ୍ରତିମ ପ୍ରଧାନଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବସିରହାଟ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟର ତାଲିକା ସଂଶୋଧନ ଶୁଣାଣିରେ ଅନିୟମିତତା ଅଭିଯୋଗ ପରେ ଏହି ନିଲମ୍ବନ କରାଯାଇଥିଲା । ତାଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱରୁ ମଧ୍ୟ ହଟାଇ ଦିଆଯାଇଛି । ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଏକ ଚିଠିରେ ଆୟୋଗ ଉତ୍ତର-ବସିରହାଟ ନିର୍ବାଚନମଣ୍ଡଳୀ ୧୨୫ରେ ଶୁଣାଣି ସମୟରେ ଏକାଧିକ ନିୟମ ଉଲ୍ଲଙ୍ଘନ ହୋଇଥିବା ଉଲ୍ଲେଖ କରିଛନ୍ତି ।

## ଭେନେଜୁଏଲା–ୟୁଏସ୍

ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗଜ୍ କହିଛନ୍ତି, ଆମେରିକା ସହିତ ମତଭେଦ କୂଟନୈତିକ ସ୍ତରରେ ସମାଧାନ କରାଯିବ । ଗତକାଲି ଉତ୍ତର-ପୂର୍ବ ଭେନେଜୁଏଲାର ପୁଏଟୋ ଲା କ୍ରୁଜ ବିଶୋଧନାଗାରରେ ତୈଳ କର୍ମଚାରୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ରୋଡ୍ରିଗଜ୍ କହିଛନ୍ତି, ତାଙ୍କ ସରକାର ୱାଶିଂଟନ୍ ସହିତ

ଦୀର୍ଘ ଦିନର ବିବାଦକୁ ସାମ୍ନାସାମ୍ନି ସମାଧାନ କରିବେ ଯାହାକୁ ସେ ବଲିଭିଆର କୂଟନୀତି ବୋଲି ବର୍ଣ୍ଣନା କରିଛନ୍ତି।

## ୟୁଏସ୍–ଗାଜା ଡିଲ୍

ଆମେରିକା ରାଷ୍ଟ୍ରଦୂତ ଜାରେଡ୍ କୁଶନର୍ ଏବଂ ଷ୍ଟିଭ୍ ୱିଟ୍‌କଫ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଭେଟିଛନ୍ତ। ଉଭୟଙ୍କ ମଧ୍ୟରେ ଗାଜା ଏବଂ ଇରାନର ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ଅଧିକାରୀମାନେ କହିଛନ୍ତି, ରାନ୍ ଗ୍‌ଭିଲିଙ୍କ ଶବ ଉଦ୍ଧାର କରିବା ଏବଂ ଗାଜା ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ପାଇଁ ପ୍ରଶାସନ ନେତାନ୍ୟାହୁ ଏବଂ ତାଙ୍କ ଦଳ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଆମେରିକାର ଅଧିକାରୀମାନେ କହିଥିଲେ, ଏହି ଆଲୋଚନା ଗାଜାର ସାମରିକ କାର୍ଯ୍ୟକଳାପକୁ ସ୍ଥଗିତ କରିବା ଦିଗରେ ପରବର୍ତ୍ତୀ ପଦକ୍ଷେପର ରୂପରେଖ ଉପରେ ଧ୍ୟାନ ଦେବ ବୋଲି ଆଶା କରାଯାଉଛି। ଏକ ଶାନ୍ତି ବୋର୍ଡ ପ୍ରତିଷ୍ଠା ଏବଂ ଗାଜା ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ବିଷୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା ପରେ ଏହି ବୈଠକ ହୋଇଥିଲା। ଆମେରିକା ପ୍ରଶାସନ ହମାସ୍‌ର ନିରସ୍ତ୍ରୀକରଣ ପାଇଁ ୧୦୦ ଦିନର ଲକ୍ଷ୍ୟ ଧାର୍ଯ୍ୟ କରିଛି।

## ଫିଲିପାଇନ୍ସ ସି ଆକ୍ସିଡେଣ୍ଟ

ଫିଲିପାଇନ୍ସର ଦକ୍ଷିଣାଞ୍ଚଳରେ ୩୫୦ରୁ ଅଧିକ ଲୋକଙ୍କୁ ନେଇ ଯାଉଥିବା ଏକ କ୍ଷୁଦ୍ର ଜାହାଜ ବୁଡ଼ିଯାଇଛି। ଜାହାଜଟି ଜାମ୍ବୋଆଙ୍ଗାରୁ ସୁଲୁ ପ୍ରଦେଶର ଜୋଲୋ ଦ୍ୱୀପକୁ ଯାତ୍ରା କରୁଥିଲା, ଯେଉଁଥିରେ ମୋଟ ୩୫୯

ଜଣ ଲୋକ ଥିଲେ।  ଆଜି ସୁଦ୍ଧା, ଫିଲିପାଇନ୍ସ ତଟରକ୍ଷୀ ବାହିନୀ, ନୌସେନା ଏବଂ ସ୍ଥାନୀୟ ମାଛଧରା ଡଙ୍ଗାର ଉଦ୍ଧାରକାରୀମାନେ ଅତିକମ୍‌ରେ ୨୧୫ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୧୩ଟି ମୃତଦେହ ଉଦ୍ଧାର କରିଛନ୍ତି ଏବଂ ୧୦୦ ରୁ ଅଧିକ ନିଖୋଜ ଅଛନ୍ତି।

## ୱିମେନ୍ସ-କ୍ରିକେଟ

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଆଜି ଭଦୋଦରାର ବିସିଏ ଷ୍ଟାଡିୟମ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଆରମ୍ଭ ହେବ।  ଅଦ୍ୟାବଧି ଆର୍‌ସିବି ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ସହ ୧୦ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ବେଳେ  ମୁମ୍ବାଇ ଇଣ୍ଡିଆନ୍ସ ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ଚାରି ନମ୍ବର ସ୍ଥାନରେ ରହିଛି।

## ଆଇଏମ୍‌ଡି– ୱେଦର

ଭାରତୀୟ ପାଣିପାଗ ବିଭାଗ, ଆଇଏମଡି ଆଗାମୀ ୩ ଦିନ ପାଇଁ ଦିଲ୍ଲୀ, ହରିୟାଣା ଏବଂ ଚଣ୍ଡିଗଡ଼ର କିଛି ଅଂଶରେ ଶୀତ ଲହରୀ ପରିସ୍ଥିତି ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ କହିଛି, ହିମାଚଳ ପ୍ରଦେଶ, ଲଦାଖ ଏବଂ ଜାମ୍ମୁ କାଶ୍ମୀରରେ ଆସନ୍ତାକାଲି ପ୍ରବଳ ବର୍ଷା ହେବ। ପାଣିପାଗ ସଂସ୍ଥା ଆସନ୍ତାକାଲି ପର୍ଯ୍ୟନ୍ତ ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ହିମାଚଳ ପ୍ରଦେଶରେ ଘନ କୁହୁଡ଼ି ପରିସ୍ଥିତି ପୂର୍ବାନୁମାନ କରିଛି।